# ପୁନଃ ମତଦାନ ଶୃଙ୍ଖଳିତ

ଢେଙ୍କାନାଳ ଅଫିସ, ୨୩।୨

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲପ୍ରସାଦ ପଞ୍ଚାୟତର ୪ ବୁଥ୍‌ରେ ପୁନଃ ମତଦାନ ବୁଧବାର ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୩ଟା ଯାଏ ଭୋଟିଂ ସମୟ ନିର୍ଦ୍ଧାରଣ କରାଯାଇଥିବା ବେଳେ ୮୦% ମତଦାନ ରେକର୍ଡ କରାଯାଇଛି। ହିଂସାଗ୍ରସ୍ତ ଉକ୍ତ ୪ ବୁଥ୍‌ରେ ଶୃଙ୍ଖଳିତ ଭାବେ ନିର୍ବାଚନ ସାରିବାକୁ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ସମଗ୍ର ପଞ୍ଚାୟତ ପୋଲିସ ଛାଉଣିରେ ପରିଣତ ହୋଇଥିଲା।

ନିହଲପ୍ରସାଦ ହାଇସ୍କୁଲରେ ହୋଇଥିବା ୨ନଂ. ବୁଥ୍‌ରେ ୫୪୭ ଭୋଟରଙ୍କ ମଧ୍ୟରୁ ୪୨୪, ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ

## ନିହଲପ୍ରସାଦର ୪ ବୁଥ୍‌ରେ ୮୦% ଭୋଟିଂ

ହୋଇଥିବା ୬ନଂ. ବୁଥ୍‌ରେ ୩୭୦ ଭୋଟରଙ୍କ ମଧ୍ୟରୁ ୩୧୮ ଏବଂ ୭ନଂ. ବୁଥ୍‌ରେ ୭୪୪ ଭୋଟରଙ୍କ ମଧ୍ୟରୁ ୬୦୦ ଜଣ ମତଦାନ କରିଥିଲେ। ସେହିପରି ଦଶହରା ପଡ଼ିଆ ପ୍ରାଥମିକ ବିଦ୍ୟାଳୟ ପରିସରରେ ହୋଇଥିବା ୧୧ନଂ. ବୁଥ୍‌ରେ ୪୩୮ ଭୋଟରଙ୍କ ମଧ୍ୟରୁ ୩୨୨ଜଣ ସେମାନଙ୍କ ମତସାବ୍ୟସ୍ତ କରିଥିଲେ। ସମ୍ପୃକ୍ତ ୪ ବୁଥ୍‌ରେ ମୋଟ ୨,୦୯୯ ଭୋଟରଙ୍କ ମଧ୍ୟରୁ ୧,୬୬୪ଜଣ ଭୋଟ ଦେଇଥିଲେ। ମତଦାନ ଶେଷହେବା ସଶସ୍ତ୍ର ପୋଲିସ ଫୋର୍ସ କଡ଼ା ସୁରକ୍ଷା ମଧ୍ୟରେ ଭୋଟ ବାକ୍ସଗୁଡ଼ିକୁ ଆଣି ଗଁଦିଆ ବ୍ଲକ କାର୍ଯ୍ୟାଳୟରେ



ପ୍ରଶାସନିକ ଅଧିକାରୀଙ୍କ ସହ ଜିଲାପାଳ ସରୋଜ କୁମାର ସେଠୀ।



ଏସ୍‌ପି ଏଲ୍. ଦିବ୍ୟା ଭି. ପୋଲିସ ଅଧିକାରୀଙ୍କ ସହ ୬ ଓ ୭ନଂ. ବୁଥ୍‌ରେ ଭୋଟଗ୍ରହଣ ପ୍ରକ୍ରିୟା ନିରୀକ୍ଷଣ କରୁଛନ୍ତି।

କରାଯାଇଥିବା ଷ୍ଟ୍ରଙ୍ଗ୍ ରୁମ୍‌ରେ ରଖିଛନ୍ତି।

ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଏଲ୍ ଦିବ୍ୟା ଭି. ମତଦାନ ଆରମ୍ଭରୁ ଶେଷ ଯାଏ ସମସ୍ତ ବୁଥ୍‌ଗୁଡ଼ିକରେ ତଦାରଖ କରିଥିଲେ। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ଶିଶୁରଞ୍ଜନ ମହାପାତ୍ର, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଉଦୟନାଥ ମହାପାତ୍ର, ବିଡିଓ ଆଶିଷ ରଞ୍ଜନ ସାହୁ, ସଦର ଏସ୍‌ଡିପିଓ ବିକାଶ ବେଉରା, ସଦର ଥାନାଧିକାରୀ ଅଭିନବ ଡାଳୁଆ, ନିହଲପ୍ରସାଦ ଥାନାଧିକାରୀ ଜିତେନ୍ଦ୍ର ସାହୁ, ଗଁଦିଆ ଥାନାଧିକାରୀ ବିଷ୍ଣୁଚରଣ ବାରିକ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଏ ସଂକ୍ରାନ୍ତରେ ଜିଲାପାଳ କୁହନ୍ତି, ନିହଲପ୍ରସାଦ ପଞ୍ଚାୟତର ୪ ବୁଥ୍‌ରେ ଶାନ୍ତିଶୃଙ୍ଖଳାର ସହିତ ପୁନଃ ମତଦାନ ଶେଷ ହୋଇଛି। ଭୋଟ ବାକ୍ସଗୁଡିକୁ ସିଲ୍ କରାଯାଇ କଡ଼ା ସୁରକ୍ଷା ମଧ୍ୟରେ ଷ୍ଟ୍ରଙ୍ଗ୍ ରୁମରେ ରଖାଯାଇଛି।

ଗତ ୧୬ ତାରିଖ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ବେଳେ ନିହଲପ୍ରସାଦ ପଞ୍ଚାୟତର ୨, ୬, ୭ ଏବଂ ୧୧ନଂ. ବୁଥ୍ ଜବରଦଖଲ ହୋଇଥିଲା। ୧୧ନଂ. ବୁଥ ପୋଲିଂ ଅଧିକାରୀଙ୍କୁ ଅଭିଯୁକ୍ତମାନେ ମରଣାନ୍ତକ ଆକ୍ରମଣ କରି ବାଲଟ୍ ବକ୍ସ ଲୁଟି ନେଇ କୂଅରେ ପକାଇଦେଇଥିଲେ। ଘଟଣା ପରଦିନ କୂଅରୁ ଭୋଟ ବାକ୍ସ ଉଦ୍ଧାର କରାଯାଇଥିଲା। ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ୪ ବୁଥରେ ପୁନଃ ମତଦାନ ସାଙ୍ଗକୁ ଢେଙ୍କାନାଳ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ଅନ୍ୟପଟେ ବୁଥ୍ ଜବରଦଖଲ ଘଟଣାରେ ବୁଧବାର ଆଉ ଜଣଙ୍କୁ ପୋଲିସ ଗିରଫ କରିଛି। ଏହା ପରେ ମୋଟ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୧୦ରେ ପହଞ୍ଚିଛି।

## ସଂକ୍ଷେପରେ

### ମହିମା ଅନୁଗାମୀ ପୁରୁଷୋତ୍ତମଙ୍କ ଦେହାନ୍ତ

**ଢେଙ୍କାନାଳ ଅଫିସ, ୨୩।୨:** ଢେଙ୍କାନାଳ ସଦର ବ୍ଲକ ବାରଦା ପଞ୍ଚାୟତ ଜହ୍ନିତଇଳା ଗ୍ରାମର ମହିମା ଅନୁଗାମୀ ପୁରୁଷୋତ୍ତମ ନାୟକଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୯୫ବର୍ଷ ହୋଇଥିଲା। ଅନ୍ତିମ ସମୟରେ ତାଙ୍କ ନିକଟରେ ନିକଟ ସମ୍ପର୍କୀୟ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ମହିମା ଧର୍ମର ନିୟମ ଅନୁଯାୟୀ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜଣେ ସଙ୍ଗଠକ, ସାମାଜିକ କର୍ମୀ ଭାବେ ପୁରୁଷୋତ୍ତମ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ଜହ୍ନିତଇଲାକୁ ଆଦର୍ଶ ଗ୍ରାମରେ ପରିଣତ କରିବାକୁ ସେ ଅହରହ ଉଦ୍ୟମ କରୁଥିଲେ। ତାଙ୍କ ପରଲୋକରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକବ୍ୟକ୍ତ କରାଯିବା ସହିତ ଅମରାତ୍ମାର ସଦ୍‌ଗତି ପାଇଁ ଅଲେଖ ମହିମା ସ୍ୱାମୀଙ୍କ ନିକଟରେ ପ୍ରାର୍ଥନା କରାଯାଇଛି।

### ନେହେରୁ ବିରୋଧୀ ମନ୍ତବ୍ୟକୁ ନିନ୍ଦା

**ଢେଙ୍କାନାଳ ଅଫିସ, ୨୩।୨:** ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ସମ୍ପର୍କରେ ବିଭିନ୍ନ ସଙ୍ଗଠନ ପକ୍ଷରୁ କରାଯାଉଥିବା କୁତ୍ସାରଟନାକୁ ନେହେରୁ ସୋସିଆଲିଷ୍ଟ ଫୋରମ୍ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏଭଳି ଅପପ୍ରଚାରରୁ ନିବୃତ୍ତ ନ ରହିଲେ ଆନ୍ଦୋଳନ କରାଯିବ ବୋଲି ଫୋରମ୍‌ର ଆବାହକ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଚେତାବନୀ ଦେଇଛନ୍ତି। ଦେଶର ଆର୍ଥିକ ପ୍ରଗତି, ଭାରତକୁ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ନେହେରୁ ମୃତ୍ୟୁ ପର୍ଯ୍ୟନ୍ତ ଉଦ୍ୟମ କରି ଆସିଥିଲେ। ଶିକ୍ଷା ଓ କୃଷି କ୍ଷେତ୍ରରେ ସେ ଅନେକ ପରିବର୍ତ୍ତନ ଆଣିଥିଲେ। ଏଭଳି ମହାପୁରୁଷଙ୍କ ସମ୍ପର୍କରେ ଅପପ୍ରଚାର କରାଯିବା ନିନ୍ଦନୀୟ ବୋଲି ଆବାହକ କହିଛନ୍ତି।

### ଜିଲାରେ ୪୧ ସକ୍ରିୟ ଆକ୍ରାନ୍ତ

**ଢେଙ୍କାନାଳ ଅଫିସ, ୨୩।୨:** ଢେଙ୍କାନାଳ ଜିଲା ଭୁବନ ବ୍ଲକରୁ ବୁଧବାର ମାତ୍ର ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିସହ ଦିନକରେ ୨୧ ଜଣ ଆରୋଗ୍ୟ ଲାଭ କରିଛନ୍ତି। ଜିଲାରେ ଏବେ ୪୧ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ସେହିପରି କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୬୩ରେ ସୀମିତ ରହିଛି। ୧,୯୪୨ ନମୁନା ପରୀକ୍ଷଣ କରାଯାଇଥିବାବେଳେ ମାତ୍ର ଜଣେ ପଜିଟିଭ୍ ବାହାରିବା ପ୍ରଶାସନ ପାଇଁ ଆଶ୍ୱସ୍ତି ଆଣିଛି। ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୨୨,୩୫୦ରେ ପହଞ୍ଚିଥିବାବେଳେ ୨୧,୦୪୬ ସୁସ୍ଥ ହୋଇସାରିଲେଣି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ

**ଭୁବନ,୨୩।୨(ଡି.ଏନ.ଏ.):** ଭୁବନ ଥାନା ବାଡାଁଶକଣ ଗ୍ରାମ ନିକଟ ପାଣ୍ଡରା ନାଳ ଉପରେ ଚାଲିଥିବା କାର୍ଯ୍ୟରେ ନିୟୋଜିତ ଜଣେ ଶ୍ରମିକଙ୍କ ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି। ମୃତକ ହେଲେ ଶଙ୍କର ନାୟକ। ତାଙ୍କ ଘର ଝାଡ଼ଖଣ୍ଡ ରାଜ୍ୟର ସିଂହଭୂମି ଜିଲା ମନୋହରପୁର ଗ୍ରାମରେ। ଶଙ୍କର ଶ୍ରୀବାଲାଜୀ ଲିମିଟେଡ କମ୍ପାନୀରେ କାର୍ଯ୍ୟ କରୁଥିଲେ। ହଠାତ୍ ତାଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା। ସହକର୍ମୀମାନେ ତାଙ୍କୁ ଭୁବନ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କମ୍ପାନୀର ସୁପରଭାଇଜର ପ୍ରଭାତ କୁମାର ସାହୁଙ୍କ ଅଭିଯୋଗକ୍ରମେ ଭୁବନ ଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ପଥରରେ ଛେଚି ହତ୍ୟା

**ବାରିପଦା ଅଫିସ,୨୩।୨:** ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଶରତ ଥାନା ଅଧୀନ ଶ୍ରୀପଦମଞ୍ଜରୀପୁର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ପଥରରେ ଛେଚି କେହି ଦୁର୍ବୃତ୍ତ ହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ସେହି ଗ୍ରାମର ଲେଣ୍ଡୁ ସିଂ। ଖବରପାଇ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ନିକଟସ୍ଥ ଶୁଖୁଆପଟା ଗ୍ରାମ ହାଟକୁ ଲେଣ୍ଡୁ ମାଂସ ତରକାରୀ ବିକ୍ରି କରିବାକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ବୁଧବାର ସକାଳେ ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ରାସ୍ତା କଡ଼ରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ହତ୍ୟା ମାମଲା ରୁଜୁ କରିଛି।

## ରୁଷିଆ-ୟୁକ୍ରେନ୍ ବିବାଦ ଅନ୍ତ ଜରୁରୀ

ଢେଙ୍କାନାଳ ଅଫିସ, ୨୩।୨

ରୁଷିଆ-ୟୁକ୍ରେନ୍‌ମଧ୍ୟରେ ସୃଷ୍ଟି ହୋଇଥିବା ଯୁଦ୍ଧ ପରିସ୍ଥିତି ବିଶ୍ୱ ପାଇଁ ବିପଦ। ଏହାକୁ ରୋକିବା ଲାଗି ବିଶ୍ୱ ସମୁଦାୟ ଉଦ୍ୟମ କରିବା ଜରୁରୀ ବୋଲି ଢେଙ୍କାନାଳ ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ପରିସରରେ ବୁଧବାର ଅନୁଷ୍ଠିତ ଆଲୋଚନା କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ଉତ୍ପଳା ଏବଂ ଦେଶ କି ବାତ୍ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ଏହି ବୈଠକରେ ବିଶ୍ୱଶାନ୍ତି ଫେରାଇ ଆଣିବା ଲାଗି ଭାରତ ନିରପେକ୍ଷତା ଅବଲମ୍ବନ କରିବା ଉଚିତ ବୋଲି ବକ୍ତାମାନେ କହିଥିଲେ। ଉତ୍ପଳା ଅଧ୍ୟକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଦେଶ କି ବାତ୍ ଫାଉଣ୍ଡେଶନର ରାଜ୍ୟ ଆବାହକ ସରୋଜ ଶତପଥୀ ଯୋଗଦେଇ ଦେଶରୁ ବେକାରି ସମସ୍ୟା ଦୂର କରିବା ଲାଗି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ବିଚାରପତି ଭିକାରି ଚରଣ ରାଉତ ଜାତିସଂଘର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଦିଲୀପ ନନ୍ଦ, ଅକ୍ଷୟ ଶତପଥୀ, ଡମ୍ବରୁଧର ପଣ୍ଡା, ଉପେନ୍ଦ୍ର ରାଉତ, ତାରାପ୍ରସନ୍ନ ଶତପଥୀ, କ୍ଷୀରୋଦ ଚନ୍ଦ୍ର ନାୟକ, ଲଳିତ ବେହେରା, ପୀତବାସ ସାହୁ, ଓଡ଼ିଶା ସାହିତ୍ୟ ଏକାଡେମୀର ରାଜ୍ୟ ସଦସ୍ୟ କବି ବାହାଦୁର ପାଟସାହାଣି, ସୁରେନ୍ଦ୍ର ମିଶ୍ର, ସମୀର ସାହୁ, ଅଞ୍ଜନ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅବିନାଶ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

PARADIP PORT TRUST
**e-TENDER CALL NOTICE**
Name of the work: **"Allotment of 09 (Nine) nos. of Manual Iron Ore/Iron Ore Pellet Plots"** License Fees: **Rs.2,35,85,958/-**, Wharfage Fees: **Rs.6,17,041/-**, Last date & Time of submission of bid: **08.03.2022 up to 16:00 hrs.** Date and time of opening (technical bid): **08.03.2022 up to 16:00 hrs.**
Refer our website for details https://eprocure.gov.in/eprocure/app.
Traffic Manager, PPT
PPT/PR/152/21-22, Dt.23/02/2022

## ବେଙ୍ଗାଲୁରୁରେ ୨ ଓଡ଼ିଆ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ଜବତ

ସୋର, ୨୩।୨(ଡି.ଏନ.ଏ.)

ବେଙ୍ଗାଲୁରୁରେ ସିକ୍ୟୁରିଟି ଚାକିରି କରିଥିବା ସୋରର ୨ ଯୁବକଙ୍କ ମୃତଦେହ ମଙ୍ଗଳବାର ବୟାପାନହାଲ୍ଲୀ ରେଲଷ୍ଟେଶନ ନିକଟସ୍ଥ ରେଲଧାରଣାରୁ ଜବତ କରାଯାଇଛି। ସୋର ବ୍ଲକ ମାଣିପୁର ପଞ୍ଚାୟତ ହରଡ଼ାଗଡ଼ିଆ ଗ୍ରାମର ପଦ୍ମଲୋଚନ ନାୟକ ଏବଂ ବେହେରଣପୁର ଗ୍ରାମର ଶୁଭାଶିଷ ପ୍ରଧାନ ଗତ ୬ ମାସ ତଳେ ସାଙ୍ଗ ହୋଇ ବେଙ୍ଗାଲୁରୁ ଯାଇଥିଲେ। ପଦ୍ମଲୋଚନ ପୂର୍ବରୁ ସେଠାରେ ସ୍କ୍ୟୁରିଟ୍ କମ୍ପାନୀରେ କାମ କରୁଥିଲେ। ରେଲୱେ ପୋଲିସ ଉଭୟଙ୍କର କ୍ଷତବିକ୍ଷତ ମୃତଦେହ ରେଳଧାରଣାରୁ ଉଦ୍ଧାର କରି ତାଙ୍କ ନିକଟରେ ଥିବା ମୋବାଇଲ ଫୋନରୁ ପରିବାର ଲୋକଙ୍କୁ ଖବର ଦେଇଥିଲେ। ସେଠାରେ କାମ କରୁଥିବା ଗାଁର ଅନ୍ୟ ଲୋକ ପହଞ୍ଚି ଶବକୁ ଚିହ୍ନଟ କରିବା ସହିତ ବ୍ୟବଚ୍ଛେଦରେ ସହଯୋଗ କରିଥିଲେ। ସେମାନଙ୍କ ମୃତଦେହକୁ ସୋର ଆଣିବା ପାଇଁ ୫୦ ହଜାର ଟଙ୍କାର ଆବଶ୍ୟକ ଥିବାରୁ କମ୍ପାନୀ ତରଫରୁ ପଦ୍ମଲୋଚନଙ୍କ ପାଇଁ ୨୫ହଜାର ଟଙ୍କା ପଇଠ କରାଯାଇଛି। ହେଲେ ନୂଆ କରି କାମ କରୁଥିବା ଶୁଭାଶିଷଙ୍କ ପାଇଁ ତାଙ୍କ ପରିବାର ଲୋକ ଟଙ୍କା ଯୋଗାଡ଼ କରିବାକୁ ଅକ୍ଷମ ହୋଇଥିଲେ। ସାମାଜିକ କର୍ମୀ ଭ୍ରମରବର ନାୟକ ୨୦ ହଜାର ଟଙ୍କା ପଠାଇବା ପରେ ବୁଧବାର ଆମ୍ବୁଲାନ୍ସରେ ସେମାନଙ୍କ ମୃତଦେହ ସୋରକୁ ଆସୁଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ଦୁଇଟି ଗାଁରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁର କାରଣ ଜଣା ପଡୁ ନ ଥିଲେ ବି ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରୁଛନ୍ତି।

## ସିସି କ୍ୟାମେରା ଚୋରି ଅଭିଯୋଗ: ଜଣେ ଗିରଫ

**ବଡ଼ବିଲ, ୨୩।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡବିଲ ଥାନା ଅଧୀନ କଳିଙ୍ଗନଗର ହାଇସ୍କୁଲରୁ ସିସି କ୍ୟାମେରା ଚୋରି ଅଭିଯୋଗରେ ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି କ୍ୟାମେରା ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କଳିଙ୍ଗନଗର ଅଞ୍ଚଳର ଅଭିଜିତ ରାଉତ। ସୂଚନା ଅନୁଯାୟୀ, ସିସି କ୍ୟାମେରା ଚୋରି ହୋଇଥିବା ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବଡବିଲ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ବଡ଼ବିଲ ପୋଲିସ ଏକ ମାମଲା (ନଂ.୩୫/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

## ୩ ବଖରା ଜଳିଗଲା

ପଦ୍ମପୁର, ୨୩।୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ପଦ୍ମପୁର ଗ୍ରାମ ବ୍ରାହ୍ମଣ ଶାସନରେ ଆଲୋକ ନାୟକଙ୍କ ଘରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯାଇଛି। ସୂଚନା ଅନୁଯାୟୀ, ଆଲୋକ ଭୋଟ ଦେଇ ସାରି ବନ୍ଧୁଙ୍କ ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ତାଙ୍କ ଘରେ ନିଆଁ ଲାଗି ସମସ୍ତ ଆସବାବପତ୍ର ସହ ନଗଦ ୨୫ ହଜାର ଟଙ୍କା ଓ ବାଇକ୍‌ପୋଡ଼ିପାଉଁଶ ହୋଇଯାଇଛି। ବାସୁଦେବପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

ODISHA PUBLIC SERVICE COMMISSION
**NOTICE**
No.1837/P.S.C., Dt.23.02.2022
(1E-21-2021-22) (DR- II)
Website - http://www.opsc.gov.in
**No.D-326:** It is for information of all concerned that, the OJS-2021 Preliminary written examination, pursuant to the Advertisement No. 23 of 2021-22 shall be held on 27.03.2022 (Sunday) as per the programme below. The centre list & Roll Numbers tagged to each centre shall be published later. The concerned candidates are advised to visit the website of the Commission (www.opsc.gov.in) regularly for further details.
PROGRAMME OF EXAMINATION

| Date | Time |
|---|---|
| 27.03.2022 (Sunday) | 10.00 A.M. to 11.30 A.M.<br>10.00 A.M. to 12.00 Noon (for PWD Candidates) |

Sd./- Secretary
OIPR-12002/11/0264/2122

# ଆମ୍ବତୁମ୍ବା ଅଞ୍ଚଳରେ ୧୪ ହାତୀ

## ଘଉଡ଼ାଇବାର ୨ ଦିନ ପରେ ପୁଣି ଫେରିଲେ

ଜଳେଶ୍ୱର, ୨୩।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ରେଞ୍ଜ ଅଧୀନରେ ଥିବା କର୍ମଚାରୀମାନେ ବାରମ୍ବାର ହାତୀ ଘଉଡ଼ାଉଥିଲେ ମଧ୍ୟ ସେମାନେ ପୁନର୍ବାର ଏହି ଅଞ୍ଚଳକୁ ଫେରିଆସୁଛନ୍ତି। ମୟୂରଭଞ୍ଜ ଓ ବାଲେଶ୍ୱର ଜିଲା ବନକର୍ମଚାରୀଙ୍କ ସମନ୍ୱୟ ଅଭାବରୁ ହାତୀଗୁଡ଼ିକ ଏପରି ଚଳପ୍ରଚଳ ହେଉଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି।

ଗତ ୨ଦିନ ତଳେ ଜଳେଶ୍ୱର ଫରେଷ୍ଟ ରେଞ୍ଜ କର୍ମଚାରୀମାନେ ବହୁ କସରତ ପରେ ୧୪ ଶିମିଳିପାଳ ହାତୀକୁ ମୟୂରଭଞ୍ଜ ଜିଲାର ରାସଗୋବିନ୍ଦପୁର ରେଞ୍ଜକୁ ଘଉଡ଼ାଇ ଦେଇଥିଲେ। ସେମାନେ ପୁଣି ଏ ଅଞ୍ଚଳକୁ ଫେରିଆସିଛନ୍ତି। ପରେ ବ୍ୟାପକ କ୍ଷତି କରିବା ସହିତ ବହୁ ଲୋକଙ୍କ ଘରଦ୍ୱାର ଭାଙ୍ଗି ଆହତ କରୁଛନ୍ତି। ଏହା ବନବିଭାଗର ମୁଣ୍ଡ ବ୍ୟଥାର କାରଣ ହୋଇଛି। ସୁବର୍ଣ୍ଣରେଖା ବହୁମୁଖୀ ଯୋଜନାର କେନାଲରେ ନିର୍ମାଣ ହୋଇଥିବା ପୋଲଗୁଡ଼ିକରେ ସାଧାରଣ ଲୋକେ ହାତୀ ଯିବାଆସିବାରେ ବାଧା ସୃଷ୍ଟି କରୁଛନ୍ତି। ତେଣୁ ଶିମିଳିପାଳ ଜଙ୍ଗଲରୁ ବାହାରି ଆସିଥିବା ହାତୀଗୁଡ଼ିକ ଫେରିବାରେ ଅସୁବିଧା ସୃଷ୍ଟି ହେଉଛି। କେତେକ ଲୋକେ ବାରିପଦାସ୍ଥିତ ଆଞ୍ଚଳିକ ବନବିଭାଗର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ (କନ୍‌ଜରଭେଟର) କାର୍ଯ୍ୟାଳୟକୁ ଏ ସମ୍ପର୍କରେ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ ହୋଇଛି। ଯଥାଶୀଘ୍ର ଏହାର ସମାଧାନ ନ ହେଲେ ପୁଣି ଧନଜୀବନ ନଷ୍ଟ ହେବାର ଆଶଙ୍କା ରହିଛି। ସୂଚନା ଯେ, ଖରିଫ ଋତୁଠାରୁ ଅଦ୍ୟାବଧି ହାତୀପଲ ଲୁହପଡ଼ା, ଆମ୍ବତୁମ୍ବା, ଜହ୍ନିଫୁଲିଆ, ରଙ୍ଗାମାଟିଆ, ପଥରଶୋଳ, ଡାଙ୍ଗରାପଦା, ଦୁଧିଆଶୋଳ, ବାଗବୁଡ଼ା ଆଦି ଜଙ୍ଗଲରେ ରହି ନିକଟସ୍ଥ ଗ୍ରାମରେ ବ୍ୟାପକ କ୍ଷତି କରୁଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି।



ଆମ୍ବତୁମ୍ବା ଅଞ୍ଚଳରେ ହାତୀପଲ।

## ସୌନ୍ଦର୍ଯ୍ୟକରଣ ଆଳରେ ଗଛ କଟା

କେନ୍ଦୁଝର, ୨୩।୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ବାଉଁଶୁଳୀର ଏକ ବିଦ୍ୟାଳୟ ପରିସରରେ ସୌନ୍ଦର୍ଯ୍ୟକରଣ ଆଳରେ ବ୍ୟାପକ ଗଛ କଟାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଫଳରେ ବିଦ୍ୟାଳୟ ପରିସର କ୍ଷତିଗ୍ରସ୍ତ ହୋଇଛି। ଜଙ୍ଗଲ ଓ ପରିବେଶର ସୁରକ୍ଷା କରିବା ସହ ବନୀକରଣକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଏଠାରେ ବହୁପୁରୁଣା ବଡ଼ଗଛ କଟାଯାଉଥିବାରୁ ତାହାକୁ ନେଇ ସ୍ଥାନୀୟ ଅଞ୍ଚଳର ପ୍ରକୃତିପ୍ରେମୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏହି ଗଛ ବଢିବା ପାଇଁ ୨୦/୩୦ ବର୍ଷ ଲାଗିଥିବା ବେଳେ ଏହାର ସୁରକ୍ଷା ନ କରି ଏବଂ ନୂତନ ଗଛ ନ ଲଗାଇ କାଟି ଦେବା କେତେଦୂର ଆଇନସଙ୍ଗତ ତାହା ବନ ବିଭାଗ ନିର୍ଦ୍ଧାରଣ କରି ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

ROURKELA DEVELOPMENT AUTHORITY
RDA
UDITNAGAR, ROURKELA- 769012
Mail: secretaryrda@gmail.com, GSTIN: 21AAALR0294B1ZK
No.258/ RDA, dated 22.02.2022
PROCLAMATION
It is hereby informed to the General public that, Prasanta Kumar Mishra, S/o- Late Umanath Mishra, has applied for mutation of House No. L/100 under Durgapur Foot Hill Housing Project, Stage-I, Basanti Colony in her favour consequent upon death of her father Late Umanath Mishra. If anybody has got objection to the proposed mutation, He/She may file objection petition before the undersigned within 30 (thirty) days from the date of publication of this proclamation. Objection petition shall not be entertained after expiry of the stipulated period.
Sd./- Secretary
Rourkela Development Authority

# ସମିତି ଦଖଲ ପାଇଁ ଛକାପଞ୍ଝା

ଢେଙ୍କାନାଳ ଅଫିସ, ୨୩।୨

■ ୨୬ରୁ ଭୋଟ ଗଣତି, ୨୮ରେ ଫଳାଫଳ

■ ଅଜ୍ଞାତବାସରେ ସମ୍ଭାବ୍ୟ ବିଜୟୀ ସମିତିସଭ୍ୟ

ଢେଙ୍କାନାଳ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୪ ପର୍ଯ୍ୟାୟରେ ଶେଷ ହୋଇଛି। ଏହାପରେ ଜିଲାର ୮ ବ୍ଲକ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ଦଖଲ କରିବା ଲାଗି ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି। ଫଳାଫଳ ବାହାରିବା ପୂର୍ବରୁ ବିଜୟ ସମ୍ଭାବନା ଥିବା ସମିତିସଭ୍ୟମାନେ ଅଜ୍ଞାତବାସକୁ ଚାଲିଯାଇଥିବାବେଳେ ଏହାକୁ ନେଇ ରାଜନୈତିକ ବାତାବରଣ ଉଷ୍ମ ହୋଇଛି।

ନିର୍ବାଚନ ଶେଷ ପରେ ଜିଲାର ୨୧୨ ପଞ୍ଚାୟତରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମିତିସଭ୍ୟଙ୍କ ଭାଗ୍ୟ ଏବେ ଭୋଟ ବାକ୍ସରେ ସିଲ୍ ହୋଇଛି। ୨୬ ତାରିଖରୁ ୩ଦିନ ଧରି ବିଧିବଦ୍ଧ ଭାବେ ଭୋଟ ଗଣତି ହେବାକୁ ଥିବାବେଳେ ସରକାରୀ ଭାବେ ୨୮ ତାରିଖରେ ଫଳାଫଳ ବାହାରିବ। ଏହାପରେ ସମିତିସଭ୍ୟମାନେ ଅଧ୍ୟକ୍ଷ ବାଛିବେ। ଏହାକୁ ନେଇ ଘୋଡ଼ାବେପାର ହେବାର ସମ୍ଭାବନା ଥିବାରୁ ବିଭିନ୍ନ ବ୍ଲକର ସମିତିସଭ୍ୟମାନଙ୍କୁ ସମର୍ଥିତ ଦଳ ପକ୍ଷରୁ ଅଜ୍ଞାତବାସରେ ପଠାଇ ଦିଆଯାଇଛି। ଅନ୍ୟପଟେ ସ୍ୱାଧୀନ ଭାବେ ଲଢୁଥିବା କେତେଜଣ ସମିତିସଭ୍ୟଙ୍କ ଉପରେ ମଧ୍ୟ ସବୁ ଦଳ ନଜର ପକାଇଛନ୍ତି। ସଂଖ୍ୟା ଗରିଷ୍ଠ ନ ହେଲେ ବିଜୟୀ ସ୍ୱାଧୀନ ପ୍ରାର୍ଥୀ ପ୍ରମୁଖ ଭୂମିକା ଗ୍ରହଣ କରିବେ। ତେଣୁ ଏବେଠାରୁ କଳ ବଳ କୌଶଳ ଖଟାଇ ସେମାନଙ୍କୁ ନିଜ ପକ୍ଷକୁ ଆଣିବାକୁ ନିର୍ବାଚନ ମଙ୍ଗ ଧରିଥିବା ନେତାମାନେ ଉଦ୍ୟମ କରୁଛନ୍ତି। ଏହାକୁ ନେଇ ଦଳୀୟ ନେତୃବୃନ୍ଦ ମୁହଁ ଖୋଲୁନାହାନ୍ତି। ଅନ୍ୟପଟେ ନିଜ ମନପସନ୍ଦର ପ୍ରାର୍ଥୀଙ୍କୁ ଅଧ୍ୟକ୍ଷ ପଦବୀରେ ବସାଇବାକୁ ରଣନୀତି ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଛି।

## ଭୋଟଗଣତିର ଭିଡିଓଗ୍ରାଫି ହେବ

ଢେଙ୍କାନାଳ ଜିଲାରେ ସମସ୍ତ ୮ ବ୍ଲକ କାର୍ଯ୍ୟାଳୟରେ ଫେବୃୟାରୀ ୨୬ରୁ ୨୮ ଯାଏ ଭୋଟଗଣତି ହେବ। ଏଥିଲାଗି ଜୋର୍‌ସୋର୍‌ରେ ଚାଲିଛି ପ୍ରଶାସନିକ ପ୍ରସ୍ତୁତି। ୨୬ ତାରିଖରେ ପ୍ରତ୍ୟେକ ବ୍ଲକ ଅନ୍ତର୍ଗତ ୧ନଂ. ଜିଲା ପରିଷଦ ଜୋନ୍ ଏବଂ ଏହା ଅଧୀନରେ ଥିବା ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବର ପଦବୀ ଲାଗି ଭୋଟଗଣତି ହେବ। ଅନୁରୂପ ଭାବେ ୨୭ ତାରିଖରେ ୨ନଂ. ଜୋନ୍, ୨୮ ତାରିଖରେ ୩ନଂ. ଜୋନ୍ ପାଇଁ ଭୋଟ ଗଣତି ହେବ। ୪ଟି ଜୋନ୍ ଥିବା ବ୍ଲକଗୁଡ଼ିକର ମତଗଣନା ୨୮ ତାରିଖ ଦିନ ହିଁ ଶେଷ ହେବ। ଏହାପରେ ଚୂଡ଼ାନ୍ତ ଫଳାଫଳ ପ୍ରକାଶ ପାଇବ। ଭୋଟଗଣତିରେ ଭିଡିଓଗ୍ରାଫି କରାଯିବ। ଫଳାଫଳ ଜାଣିବାକୁ ମତଗଣନା କେନ୍ଦ୍ର ବାହାରେ ଏଲ୍‌ଇଡି ଟିଭି ଲାଗିବ। ଗୋଟିଏ ଜୋନ୍‌ରେ ଯେତିକି ପଞ୍ଚାୟତ ରହିଛି, ମତଗଣନା ଲାଗି ସେତିକି ଟେବୁଲ ରହିବ। ସକାଳ ୮ଟାରୁ ଭୋଟ ଗଣନା ଆରମ୍ଭ ହେବ। ଆଇନଶୃଙ୍ଖଳା ଏଡ଼ାଇବାକୁ ଯଥେଷ୍ଟ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ଜିଲା ପଞ୍ଚାୟତ ଅଧିକାରୀ ଚନ୍ଦ୍ରଶେଖର ମହାରଣା ସୂଚନା ଦେଇଛନ୍ତି।

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 375 OF 2021
Branch Manager, Indian Bank ...Applicant
Versus
M/s. Nocion Technology & Others ...Defendant[s]
To
1) **M/s. Nocion Technology, Managing Partner: Sri Yatindra Mohan Dash,** At: A-1, Mandakini Complex, Talabania, Gandamunda, PO.: Khandagiri, Bhubaneswar - 751030, Dist.: Khordha
2) **Sri Yatindra Mohan Dash (Managing Partner),** At: Plot No.: 3-A, Mandakini Complex, Talabania, Gandamunda, Ganesh Nagar, Near Hanuman Temple, PO.: Khandagiri, Bhubaneswar - 751030, Dist.: Khordha
3) **Smt. Lopamudra Panda (Partner),** W/o.: Yatindra Mohan Dash, At: Plot No.: 3-A, Mandakini Complex, Talabania, Gandamunda, Ganesh Nagar, Near Hanuman Temple, PO.: Khandagiri, Bhubaneswar - 751030, Dist.: Khordha
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted an **O.A. No. 375 of 2021** in the court of the Debts of Recovery Tribunal, Cuttack for recovery of **Rs.56,23,067.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **31.03.2022 at 10.30 a.m** as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand and seal of this Tribunal on this **10th day of Feb. 2022.**
Sd/- Manoj Kumar Patnaik
REGISTRAR

## ସଂକ୍ଷେପରେ

### ଯୁବ ବ୍ୟବସାୟୀଙ୍କ ସନ୍ଦେହଜନକ ମୃତ୍ୟୁ



**ତାଳଚେର,୨୩।୨(ନି.ପ୍ର.):** ତାଳଚେର ଥାନା ଲିଙ୍ଗରାଜ ରୋଡ୍ ସାଇ ମନ୍ଦିର ନିକଟସ୍ଥ ନୂତନ ବାସଗୃହ ଭିତରୁ ବୁଧବାର ଗୃହକର୍ତ୍ତା ତଥା ଯୁବ କୋଇଲା ବ୍ୟବସାୟୀ ଯୁମନ ସାହୁ (୩୨)ଙ୍କ ମୃତଦେହ ପୋଲିସ ଜବତ କରିଛି। ଯୁମନଙ୍କ ପୈତୃକ ଘର ତାଳଚେର ବ୍ଲକ କଣ୍ଟାଳ ପଞ୍ଚାୟତ ଲାଙ୍ଗିଯୋଡ଼ାରେ। ସେ ଜଣେ କୋଇଲା ବ୍ୟବସାୟୀ ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା। ସେ ଲିଙ୍ଗରାଜ ରୋଡ୍ ସାଇ ମନ୍ଦିର ନିକଟରେ ଏକ ବାସଗୃହ ନିର୍ମାଣ କରୁଥିଲେ। ସକାଳେ ଉକ୍ତ ନୂଆ ଘର ଭିତରେ ତାଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଦେଖିବାକୁ ମିଳିଥିଲା। ସୂଚନାପାଇ ତାଳଚେର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଯୁବ ବ୍ୟବସାୟୀଙ୍କ ଏପରି ସନ୍ଦେହଜନକ ମୃତ୍ୟୁକୁ ନେଇ ଅଞ୍ଚଳରେ ନାନା ଚର୍ଚ୍ଚା ଆରମ୍ଭ ହୋଇଛି। ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଘଟଣାସ୍ଥଳକୁ ଯାଇ ଆଲୋଚନା କରିଛନ୍ତି।

### ୧୨ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ,୨୩।୨:** ଅନୁଗୋଳ ଜିଲାରୁ ବୁଧବାର ୧୨ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୮ ହଜାର ୩୮୪ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କିଶୋରନଗର ବ୍ଲକ ଅଞ୍ଚଳରୁ ୩ଜଣ, ଅନୁଗୋଳ ବ୍ଲକ ଅଞ୍ଚଳରୁ ୩, ବଣ୍ଟଁରପାଳ ବ୍ଲକ ଅଞ୍ଚଳରୁ ୨, ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୨ ଓ ତାଳଚେର ବ୍ଲକ ଅଞ୍ଚଳରୁ ୨ଜଣ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ଦିନକରେ ଜିଲାରୁ ୪୫ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ମୋଟ୍ ୪୧୬ ଜଣଙ୍କ ମୃତ୍ୟୁ କୋଭିଡ୍‌ରେ ହୋଇଥିବାବେଳେ ୧୭ ଲକ୍ଷ ୧୨ ହଜାର ୫୬୩ ଜଣ ଟିକା ନେଇସାରିଛନ୍ତି।

### ମଦ ଜବତ, ଜଣେ ଗିରଫ



**ବଇଣ୍ଡା,୨୩।୨(ଡି.ଏନ.ଏ.):** ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ହଣ୍ଡପା ଥାନା ବଇଣ୍ଡା ଛକରେ ଥିବା ମଧୁସୂଦନ ମାଲୁଆଙ୍କ ତେଜରାତି ଦୋକାନ ଉପରେ ଚଢ଼ାଉ କରାଯାଇ ବିଦେଶୀ ମଦ ଜବତ କରାଯାଇଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେ ଦୋକାନରେ ଦୀର୍ଘ ଦିନ ହେବ ବେଆଇନ ଭାବେ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ବଇଣ୍ଡା ଅବକାରୀ ଅଧିକାରୀ ବଲବୀର ଗଡନାୟକ ଚଢ଼ାଉ କରିଥିଲେ।

### ଭୋଟ ନ ଦେବାରୁ ବୃଦ୍ଧଙ୍କୁ ଆକ୍ରମଣ



**ଛେଣ୍ଡିପଦା,୨୩।୨(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ଜାମୁନାଳି ଗ୍ରାମରେ ପଞ୍ଚାୟତ ନିର୍ବାଚନରେ ଭୋଟ ଦେବାକୁ କେନ୍ଦ୍ରକରି କୈଳାସ ନାଏକ (୫୮)ଙ୍କୁ ମାଡ଼ ମାରି ଗୁରୁତର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଜାମୁନାଳି ଗ୍ରାମ ହରିଜନ ସାହିର କୈଳାସ ନାଏକ ବୁଧବାର ସନ୍ଧ୍ୟାରେ ଘର ସମ୍ମୁଖରେ ବସିଥିବାବେଳେ ସେହି ସହିର ସୁଶାନ୍ତ ନାଏକ ଆସି ତାଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ କାହିଁକି ଭୋଟ ଦେଲନାହିଁ ବୋଲି କହି ଗାଳିଗୁଲଜ କରିଥିଲା। ଏହାକୁ କୈଳାସ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସୁଶାନ୍ତ କୈଳାସଙ୍କୁ ମାଡ ମାରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଘଟଣା ପରେ ସୁଶାନ୍ତ ଫେରାର ରହିଥିବା ବେଳେ ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଷ୍ଟ୍ରଙ୍ଗ୍ ରୁମ୍ ଜଗି ବସିଛନ୍ତି ପ୍ରାର୍ଥୀ, ସମର୍ଥକ

**ଖମାର,୨୩।୨(ଡି.ଏନ.ଏ.)**



ପାଲଲହଡ଼ା ବ୍ଲକ ଷ୍ଟ୍ରଙ୍ଗ୍ ରୁମ୍ ସମ୍ମୁଖରେ ଭାଜପା ପ୍ରାର୍ଥୀଙ୍କ ସମର୍ଥକମାନେ ଜଗି ବସିଛନ୍ତି।

ଅନୁଗୋଳ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟଗ୍ରହଣ ପ୍ରକ୍ରିୟା ଗତ ୨୨ ତାରିଖରୁ ଶେଷ ହୋଇଛି। ଆସନ୍ତା ୨୬ରୁ ୨୮ ତାରିଖ ମଧ୍ୟରେ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ କରାଯିବ। ଏଥିପାଇଁ ଭୋଟ ବାକ୍ସଗୁଡ଼ିକୁ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇ ସଶସ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି। ହେଲେ ପ୍ରଶାସନର ଏହି ସୁରକ୍ଷା ବ୍ୟବସ୍ଥା ଉପରେ ଅନେକ ପ୍ରାର୍ଥୀ ଓ ସମର୍ଥକମାନଙ୍କ ଭରସା ନାହିଁ। ଫଳରେ ଷ୍ଟ୍ରଙ୍ଗରୁମ୍‌ଗୁଡ଼ିକ ସମ୍ମୁଖରେ ସମର୍ଥକଙ୍କ ସହ ସେମାନେ ଜଗି ବସୁଥିବା ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳୁଛି। ପାଲଲହଡ଼ା ବ୍ଲକ ଅଫିସ ପରିସରରେ ହୋଇଥିବା ଷ୍ଟ୍ରଙ୍ଗରୁମ୍ ସମ୍ମୁଖରେ ମଧ ଭାଜପା ଜିଲା ପରିଷଦ ପ୍ରାର୍ଥୀଙ୍କ ସମର୍ଥକ ଓ କେତେଜଣ ସରପଞ୍ଚ, ସମିତି ସଭ୍ୟ ପ୍ରାର୍ଥୀଙ୍କ ସହ ସମର୍ଥକମାନେ ଜଗି ରହିଥିବା ଚର୍ଚ୍ଚାର ବିଷୟ ହୋଇଛି।

ପାଲଲହଡ଼ା ବ୍ଲକର ୩ ଜିଲା ପରିଷଦ ଜୋନ୍ (୨୨, ୨୩ ଓ ୨୪ନଂ.) ଓ ୨୭ ପଞ୍ଚାୟତରେ ଗତ ୨୦ ତାରିଖରେ

**ପ୍ରଶାସନ ପକ୍ଷରୁ ହୋଇଥିବା ସୁରକ୍ଷା ଉପରେ ଭରସା ନାହିଁ**

ଭୋଟଗ୍ରହଣ ହୋଇଥିଲା। ବ୍ଲକର ମୋଟ୍ ୯୫ ହଜାର ୩୧୪ ଭୋଟରଙ୍କ ମଧ୍ୟରୁ ୮୪.୭୯ ପ୍ରତିଶତ ଅର୍ଥାତ୍ ୮୦ ହଜାର ୮୧୯ ଜଣ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିଲେ। ଏଥିପାଇଁ ମୋଟ୍ ୩୭୦ଟି ବୁଥ୍ କରାଯାଇଥିଲା। ବ୍ଲକର ୩ ଜିଲା ପରିଷଦ ଜୋନ୍‌ରେ ଥିବା ୧୪ ପ୍ରାର୍ଥୀ, ୧୧୮ ସରପଞ୍ଚ ପ୍ରାର୍ଥୀ, ୯୪ ସମିତି ସଭ୍ୟ ପ୍ରାର୍ଥୀ ଓ ଏବଂ ୱାର୍ଡମେମ୍ବର ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ୍ ହୋଇଯାଇଥିଲା। ହେଲେ ପ୍ରଶାସନ କରିଥିବା ଷ୍ଟ୍ରଙ୍ଗ୍ ରୁମ୍‌ରେ କାଳେ କିଛି ଅନିୟମିତତା ହୋଇଯିବ ସେହି ଆଶଙ୍କା କରି ୨୨ ନଂ. ଜିଲା ପରିଷଦ ଜୋନ୍‌ର ଭାଜପା ପ୍ରାର୍ଥୀ ଗୁରୁଚରଣ ହେମ୍ବ୍ରମ୍‌ଙ୍କ ସମର୍ଥକ, ୨୩ ନଂ. ଜୋନ୍ ଭାଜପା ପ୍ରାର୍ଥୀ ସସ୍ମିତା କାରୁଆଙ୍କ ସମର୍ଥକ ଏବଂ ୨୪ନଂ. ଜୋନ୍ ଭାଜପା ପ୍ରାର୍ଥୀ ସୁରୁମୁନି ଚାତରଙ୍କ ସମର୍ଥକଙ୍କ ସହ କେତେଜଣ ସରପଞ୍ଚ, ସମିତି ସଭ୍ୟ ଓ ସମର୍ଥକମାନେ ଜଗି ବସିଛନ୍ତି। ପ୍ରଶାସନର ଭୂମିକା ସନ୍ଦେହଜନକ ଥିବାରୁ ସେମାନେ ଷ୍ଟ୍ରଙ୍ଗ୍ ରୁମ୍ ବାହାରେ ଜଗି ରହିଥିବା ଭାଜପା ନେତା ବିକାଶ ନୋହରା ଓ ଭୀମସେନ ମାଝି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଦିଲୀପ କୁମାର ବର କହିଛନ୍ତି, ଷ୍ଟ୍ରମ୍ ରୁମ୍‌ର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ସିସିଟିଭି ଲଗାଯିବା ସହ ୨୪ ଘଣ୍ଟା ନଜର ରଖାଯାଇଛି। ତେଣୁ କୌଣସି ଅନିୟମିତତାର ପ୍ରଶ୍ନ ଉଠୁନାହିଁ ବୋଲି ବିଡିଓ ପ୍ରକାଶ କରିଛନ୍ତି।

## ୟୁନିୟନ ବ୍ୟାଙ୍କ ଶାଖା ନୂତନ ଗୃହ ଉଦ୍‌ଘାଟିତ

**ବଣ୍ଟଁରପାଳ,୨୩।୨(ଡି.ଏନ.ଏ.)**

ଅନୁଗୋଳ ଶଙ୍କର ସିନେମା ରୋଡ୍‌ସ୍ଥିତ ୟୁନିୟନ ବ୍ୟାଙ୍କ ଶାଖାର ନୂଆ କାର୍ଯ୍ୟାଳୟ ଗୃହ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ଓଡ଼ିଶା କ୍ଷେତ୍ର ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶାଖା ପରିଚାଳକଙ୍କ ସମେତ ସମସ୍ତ କର୍ମଚାରୀ ଓ ବହୁ ବ୍ୟବସାୟୀ ଯୋଗ ଦେଇଥିଲେ। ଏହି ଅବସରରେ ୨ ଜଣ ବରିଷ୍ଠ ବ୍ୟବସାୟୀଙ୍କୁ ୭ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ବ୍ୟାଙ୍କ କର୍ମଚାରୀ ଓ ଗ୍ରାହକଙ୍କ ସହ କ୍ଷେତ୍ର ମହାପ୍ରବନ୍ଧକ ବିଭିନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ମହାପ୍ରବନ୍ଧକ ପ୍ରଧାନ କୁମଣ୍ଡସ୍ଥିତ ଶାଖା ପରିଦର୍ଶନ କରିବା ସହ ସେଠାରେ ଆୟୋଜିତ ସ୍ୱୟଂ ସହାୟକ ଗୋଷ୍ଠୀ ମେଳାକୁ ଉଦ୍‌ଘାଟନ କରିଥିଲେ। ଏଥିସହ ୫୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨ କୋଟି ଟଙ୍କାର ଋଣ ମଞ୍ଜୁର କରିଥିଲେ। ସେହିପରି ପଞ୍ଚମହଲାସ୍ଥିତ ଶିଶୁ ଗୃହ ପରିଦର୍ଶନରେ ଯାଇ ଅନ୍ତେବାସୀଙ୍କୁ ପାଠ୍ୟପୁସ୍ତକ, କ୍ରୀଡ଼ା ଉପକରଣ ଓ ସାନିଟାଇଜର ପ୍ରଦାନ କରିଥିଲେ। ବ୍ୟାଙ୍କର କଟକ ଆଞ୍ଚଳିକ ଅଧିକାରୀ ରାଜ କୁମାର, ଅନୁଗୋଳ ମୁଖ୍ୟ ଶାଖା ପ୍ରବନ୍ଧକ ପ୍ରଦୀପ କୁମାର ମେହେର, କୁମଣ୍ଡ ଶାଖା ପ୍ରବନ୍ଧକ ମୃଣ୍ମୟୀ ସାମଲ, ପ୍ରବନ୍ଧକ ବିବେକାନନ୍ଦ ମହାନ୍ତି, ଚିତ୍ତରଞ୍ଜନ ରଥଙ୍କ ସମେତ ମୁଖ୍ୟ ଶାଖାର କର୍ମଚାରୀମାନେ ଉପସ୍ଥିତ ଥିଲେ।



ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ଗୃହକୁ ଉଦ୍‌ଘାଟନ କରାଯାଉଛି।

## ପ୍ରତିଜ୍ଞା ପାଳନ କରିବାକୁ ପରାମର୍ଶ

**ବଣ୍ଟଁରପାଳ,୨୩।୨(ଡି.ଏନ.ଏ.)**

ସରସ୍ୱତୀ ବିଦ୍ୟା ମନ୍ଦିର ନାଲ୍‌କୋ ନଗର ସ୍କାଉଟ୍ସ ଗାଇଡ୍ସ ଶାଖା ପକ୍ଷରୁ ମଙ୍ଗଳବାର 'ବିଶ୍ୱ ଚିନ୍ତନ ଦିବସ' ପାଳିତ ହୋଇଯାଇଛି। ବିଦ୍ୟାଳୟର ଗାଇଡ୍ସ କ୍ୟାପଟେନ ଅହିଂସା ପ୍ରିୟଦର୍ଶିନୀ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଦ୍ୟାଳୟର ସ୍କାଉଟ୍ସ ଗାଇଡ୍ସମାନେ ଯୋଗ ଦେଇଥିଲେ। ଚଳିତବର୍ଷର ମୁଖ୍ୟ ପ୍ରସଙ୍ଗ 'ପର୍ଯ୍ୟାବରଣ ଓ ଲିଙ୍ଗଗତ ସମାନତା' ଉପରେ କାର୍ଯ୍ୟ କରିବାକୁ ସମସ୍ତେ ମତପ୍ରକାଶ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ବେହେରା, ଉପାଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ ସ୍କାଉଟ୍ସ/ଗାଇଡ୍ସମାନେ ସେମାନଙ୍କ ଉଦ୍ଦେଶ୍ୟ ତଥା ପ୍ରତିଜ୍ଞାକୁ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଏନ୍‌ସିସି ଶିକ୍ଷକ ଜଗନ୍ନାଥ ପାଣିଗ୍ରାହୀ, କ୍ରୀଡ଼ା ଶିକ୍ଷକ ଗଦାଧର ପାଣିଗ୍ରାହୀ ଏବଂ ଯୁବ ରେଡ୍‌କ୍ରସ୍‌ର କାଉନସେଲର ବିଚିତ୍ରାନନ୍ଦ ନାୟକ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ସ୍କାଉଟ୍ସ ଗାଇଡ୍ସମାନେ।

## ବୃତ୍ତିଗତ ମାର୍ଗଦର୍ଶନ, ପରାମର୍ଶ କର୍ମଶାଳା

**ବନ୍ତଲା,୨୩।୨(ଡି.ଏନ.ଏ.)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଡୋଭ' ଅନୁଗୋଳ ତରଫରୁ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅନୁଗୋଳ ସମ୍ମିଳନୀ କକ୍ଷରେ ବୁଧବାର ଏକ ବୃତ୍ତିଗତ ମାର୍ଗଦର୍ଶନ ଓ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ସତ୍ୟ ନାରାୟଣ ସିଂହ ସାମନ୍ତ ଏଥିରେ ଅଧ୍ୟକ୍ଷତା କରିଥିଲେ। କୁଶଳୀ ତଥା ବୃତ୍ତିଗତ ମାର୍ଗ ବାଛିବା ପାଇଁ ଶିକ୍ଷିତ ଯୁବଗୋଷ୍ଠୀଙ୍କ ଜୀବନଜୀବିକା ନିର୍ବାହ ସକାଶେ ଏଥିରେ ମାର୍ଗଦର୍ଶନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଅନୁଗୋଳ ଜିଲା ଶିଳ୍ପ କେନ୍ଦ୍ର ମହାପ୍ରବନ୍ଧକ ସନ୍ତୋଷ କୁମାର ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ର ଅନୁଗୋଳ ଜିଲା ଯୁବ ସଂଯୋଜକ ପ୍ରଦୀପ କୁମାର, ଅନ୍ୟତମ ସମ୍ମାନିତ ଅତିଥି ଭାବେ ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୋଷାଧ୍ୟକ୍ଷ ରଞ୍ଜନ କୁମାର ବେହେରା, ଓରମାସ ଅନୁଗୋଳ ତରଫରୁ ସହକାରୀ ନିର୍ବାହୀ ଅଧିକାରୀ ଶିବାଶିଷ ମିଶ୍ର, ଅନୁଗୋଳ କ୍ରିଏଟିଭ୍ ଟେକ୍‌ନୋ କଲେଜର ପ୍ରଶାସନିକ ମୁଖ୍ୟ ବବିନ୍ ଗଡ଼ନାୟକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମାଝି, ଅଧ୍ୟାପିକା ଲିଲି ମିଶ୍ର, ଶୁଭଶ୍ରୀ ଚାଉଳିଆ, ରଜନୀକାନ୍ତ ମାଝି, ପ୍ରଦୀପ କର, ଅରୁଣ ପ୍ରଧାନ, ରଣଜିତ୍ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଅଜିତ୍ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।





କର୍ମଶାଳାରେ ଉପସ୍ଥିତ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତାମାନେ।

## ପାରିବାରିକ ଗଣ୍ଡଗୋଳରୁ ମାଡ଼ ଅଭିଯୋଗ

**ବଇଣ୍ଡା,୨୩।୨(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତାଳମଲିହା ଗ୍ରାମରେ ସୋମବାର କିଶୋରନଗର ଥାନା ଧଡରପାଳ ଗ୍ରାମର ଆବୁ ସେଠୀଙ୍କୁ ତାଙ୍କ ବଡ ପୁଅ ପ୍ରମୋଦ ସେଠୀ ମାଡ଼ ମାରିଥିବା ବୁଧବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୫୪/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଆବୁଙ୍କ ସାନ ପୁଅ ପ୍ରତାପ ସେଠୀ ତାଳମଲିହା ଗ୍ରାମରେ ବିବାହ କରୁଥିବାବେଳେ ଆବୁ, ପ୍ରମୋଦ ଆସିଥିଲେ। ସେଠାରେ ଉଭୟ ବାପ, ପୁଅଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାକୁ କେନ୍ଦ୍ର ପ୍ରମୋଦ ବାପା ଆବୁଙ୍କୁ ମାଡ଼ ମାରିଥିବା ସେ ଥାନାରେ ଅଭିଯୋଗ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଅନୁଗୋଳ ଅଫିସ,୨୩।୨**





ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ ଅର୍ଥାତ୍ ଗତ ୨୦ ତାରିଖରେ ଯାଜପୁର ଜିଲା ବିଞ୍ଝାରପୁର, ପୁରୀ ଜିଲାର ବ୍ରହ୍ମଗିରି ଓ ନୟାଗଡରେ କାର୍ଯ୍ୟରତ ଖବରଦାତାମାନଙ୍କ ଉପରେ ଆକ୍ରମଣ ହୋଇଥିଲା। ଏହି ଘଟଣାକୁ ତୀବ୍ର ନିନ୍ଦା କରାଯିବା ସହ ଆକ୍ରମଣକାରୀଙ୍କ ବିରୋଧରେ ଉଚିତ ଦଣ୍ଡବିଧାନ, ଖବରଦାତାମାନଙ୍କ ସୁରକ୍ଷା ପାଇଁ ଓଡ଼ାପଡ଼ା ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ନିର୍ବାଚନ କମିଶନର ଓ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଓଡ଼ାପଡ଼ା ବିଡିଓ, ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ସଂଘର କର୍ମକର୍ତ୍ତାଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଉପସ୍ଥିତ ଥିଲେ।

## ମାର୍ଚ୍ଚ ୧୫ରେ ନିଯୁକ୍ତିମେଳା

**ଅନୁଗୋଳ ଅଫିସ,୨୩।୨**

ଅନୁଗୋଳ ଜିଲା ଖଣିଜ ପ୍ରତିଷ୍ଠାନ ଓ ଜିଲା ନିୟୋଜନ କାର୍ଯ୍ୟାଳୟ ସହଯୋଗରେ ପାଲଲହଡ଼ା ବ୍ଲକ ଖମାରସ୍ଥିତ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଆସନ୍ତା ମାର୍ଚ୍ଚ ୧୫ ତାରିଖରେ ଏକ ନିଯୁକ୍ତିମେଳା ଅନୁଷ୍ଠିତ ହେବ। ଏହି ମେଳାରେ ଜିଲାର ସମସ୍ତ ବ୍ଲକ ଓ ସହରାଞ୍ଚଳର ଚାକିରି ଆଶାୟୀ ଯୁବତୀ ଯୁବକମାନେ ଅଂଶଗ୍ରହଣ କରିପାରିବେ। ୫ମ ଶ୍ରେଣୀ ପାସ୍ ଓ ତଦୂର୍ଦ୍ଧ୍ୱ ସ୍କୁଲ, କଲେଜ (ଯୁକ୍ତ ୨ ଓ ଯୁକ୍ତ ୩) ଏବଂ ଆଇଟିଆଇ/ ଡିପ୍ଲୋମା ପାସ୍ କରିଥିବା ଏବଂ ପାଠ୍ୟକ୍ରମ ମଝିରୁ ଛାଡ଼ିଥିବା ୧୮ରୁ ୩୫ ବର୍ଷ ମଧ୍ୟରେ ଚାକିରି ଅନ୍ୱେଷଣରେ ଥିବା ଯୁବତୀଯୁବକମାନେ ବେସରକାରୀ ସଂସ୍ଥା ମାଧ୍ୟମରେ ନିଯୁକ୍ତି ଓ ପ୍ରଶିକ୍ଷଣ ନିମନ୍ତେ ଏହି ନିଯୁକ୍ତି ମେଳାରେ ଅଂଶଗ୍ରହଣ କରି ଏହାର ସୁବିଧା ନେଇପାରିବେ। ନିଯୁକ୍ତି ମେଳାରେ ଯୋଗ ଦେବାକୁ ଆଗ୍ରହୀଥିବା ଯୁବତୀଯୁବକମାନେ ସେମାନଙ୍କ ସମସ୍ତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ତାହାର ନକଲ, ଗୋଟିଏ ଫଟୋ, ଆଧାରକାର୍ଡ ସହିତ ଆସିବାକୁ କୁହାଯାଇଛି। ଜିଲା, ରାଜ୍ୟ ଓ ରାଜ୍ୟ ବାହାରୁ ନିଯୁକ୍ତିଦାତା ଏବଂ ଦକ୍ଷତା ବୃଦ୍ଧି ତାଲିମଦାତାମାନେ ଏହି ନିଯୁକ୍ତି ମେଳାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଅନୁଗୋଳ ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଯୁବକଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୨୩।୨(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତାଳମଲିହା ଗ୍ରାମର ବାଉରୀ ଭୋଇଙ୍କୁ ସେହି ଗ୍ରାମର ପୁରୁଷୋତ୍ତମ ମାଝି ମାଡ଼ ମାରିଥିବା ବାଉରୀ ବୁଧବାର ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୫୫/୨୨ରେ ଏକ ମାମଲା ରୁଜୁ କରିଛି। ବାଉରୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ସେ ବାଉଁଶ ହାଣୁଥିବାବେଳେ ପୁରୁଷୋତ୍ତମ କାହିଁକି ହାଣୁଛୁ କହିବା ସହ ଠେଙ୍ଗାରେ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଅନ୍ୟପଟେ ପୁରୁଷୋତ୍ତମ ଏକ ପାଲଟା ଅଭିଯୋଗ କରିଛନ୍ତି। ସେ ଘରକୁ ଆସୁଥିବାବେଳେ ବାଉରୀ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ନମ୍ବର ଏକ ମାମଲା ରୁଜୁ କରିଛି।

## ଶିକ୍ଷାର ବିକାଶକୁ ଗୁରୁତ୍ୱ ଦେଉଥିଲେ ନୀଳମଣି

**ବଇଣ୍ଡା,୨୩।୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ଶିକ୍ଷାର କିପରି ଅଧିକ ବିକାଶ ହୋଇପାରିବ ତାହା ଉପରେ ସର୍ବଦା ଗୁରୁତ୍ୱ ଦେଉଥିଲେ କିଶୋରଗଞ୍ଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ନୀଳମଣି ପ୍ରଧାନ। ସୋମବାର ୮୫ ବର୍ଷ ବୟସରେ ଏହି ଶିକ୍ଷାବିତ୍‌ଙ୍କ ପରଲୋକ ହୋଇଯାଇଥିବାରୁ ବୁଧବାର ବଇଣ୍ଡା ହାଇସ୍କୁଲ ପରିସରରେ ପୁରାତନ ଛାତ୍ର ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ଶୋକସଭାରେ ଉପସ୍ଥିତ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ପୁରାତନ ଛାତ୍ର ଭାଗୀରଥି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚଟମ୍ବା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଚିତ୍ରା ନନ୍ଦ ସାହୁ, ନରେନ୍ଦ୍ର ବେହେରା, ଲକ୍ଷ୍ମୀକାନ୍ତ ବେହେରା, ଅରବିନ୍ଦ ସାହୁ, ମାନସ କୁମାର ସାହୁ, ଚିତ୍ରସେନ ପ୍ରଧାନ, ଦିଲୀପ ବେହେରା, ସନ୍ତୋଷ କୁମାର ସାହୁ, ପରିକ୍ଷିତ ସାହୁଙ୍କ ସମେତ ବହୁ ପୁରାତନ ଛାତ୍ର ଅଂଶଗ୍ରହଣ କରି ନୀରବ ପ୍ରାର୍ଥନା ସହ ଶିକ୍ଷାବିତ୍ ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ।



ଶୋକସଭାରେ ଉପସ୍ଥିତ ପୁରାତନ ଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ।

# ଜଙ୍ଗଲ ନିଆଁ ରୋକିବାକୁ ଶପଥ



ବନ ସଂରକ୍ଷଣ ସମିତି ସଭ୍ୟାସଭ୍ୟ ଓ ଗ୍ରାମବାସୀ ଜଙ୍ଗଲ ନିଆଁ ରୋକିବାକୁ ଶପଥ ନେଉଛନ୍ତି।

**ଛେଣ୍ଡିପଦା,୨୩।୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ା ବନାଞ୍ଚଳ ଜେରେଙ୍ଗ ପାହାଡ଼ସ୍ଥିତ ବୁଢ଼ୀପାହାଡ଼ ବନ ସଂରକ୍ଷଣ ସମିତି ସଭାଗୃହଠାରେ ବୁଧବାର ଅପରାହ୍ନରେ ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା ନିମନ୍ତେ ଏକ ଦିନିକିଆ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପୀତାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ଜରପଡା ସେକ୍ସନ ଫରେଷ୍ଟର ଶ୍ରୀନିବାସ ସାହୁ, ବନ ସଂରକ୍ଷଣ ସମିତି ସମ୍ପାଦକ ଫରେଷ୍ଟର ଦୀନବନ୍ଧୁ ନାୟକ, ଗାର୍ଡ ଉଦୟ କୁମାର ନାଏକ, ଆନିମେଟର କୁମୁଦ ଚନ୍ଦ୍ର ବେହେରା, କୋଷାଧ୍ୟକ୍ଷ ରାମନାଥ ସାହୁ, ପରିବେଶବିତ୍ ଲମ୍ବୋଦର ସାହୁ ପ୍ରମୁଖ ଯୋଗଦେଇ ଗ୍ରୀଷ୍ମ ଋତୁରେ ନିଆଁ ଦାଉରୁ ଜଙ୍ଗଲକୁ କିପରି ସୁରକ୍ଷା ଦିଆଯିବ ସେ ନେଇ ସଚେତନ କରିଥିଲେ। ଏଥିସହିତ ସମିତିର ସମସ୍ତ ସଭ୍ୟାସଭ୍ୟ ଓ ଗ୍ରାମବାସୀ ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା ନିମନ୍ତେ ସାମୂହିକ ଶପଥ ନେଇଥିଲେ। ପୂର୍ବତନ ଆନିମେଟର ବାଙ୍କବିହାରୀ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଭାବଗ୍ରାହୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ସୋଲାର ପ୍ଲାଣ୍ଟ କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ,୨୩।୨**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ବିଭିନ୍ନ ବ୍ୟବସ୍ଥା ସନ୍ତୋଷଜନକ ନୁହେଁ। ପରିମଳ ଠାରୁ ଆରମ୍ଭ କରି ସୌରଶକ୍ତି ଯାଏ ବିଭିନ୍ନ କାର୍ଯ୍ୟରେ ଆହୁରି ଅନେକ ଉନ୍ନତି କରାଯିବାର ଆବଶ୍ୟକତା ରହିଛି। ବୁଧବାର ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ଆସିଥିବା କାୟାକଳ୍ପ ଟିମ୍‌ର ଅଧିକାରୀମାନେ ଏହି ମତ ଦେଇଛନ୍ତି। ଏହି ଟିମ୍‌ରେ ଆସିଥିବା ଡାକ୍ତର ଅଞ୍ଜନା ପଣ୍ଡା, ଡାକ୍ତର ବୀଣାପାଣି ନନ୍ଦ, ଡାକ୍ତର ତିରୁପତି ମିଶ୍ର ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କରାଯାଉଥିବା ସୌରଶକ୍ତି କେନ୍ଦ୍ରର କ୍ଷମତା ବୃଦ୍ଧି ଉପରେ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ସେହିପରି ମେଡିକାଲର ପରିମଳ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ କରାଯିବା ଏବଂ ପାଚେରି ନିକଟରୁ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯିବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅଧିକାରୀମାନେ ପରାମର୍ଶ ଦେଇଥିବା ସୂଚନା ମିଳିଛି।




# ପଦକ ନିଶ୍ଚିତ କଲେ ନନ୍ଦିନୀ



**ନୂଆଦିଲ୍ଲୀ, ୨୩।୨ (ପି.ଟି.)** ବୁଲଗେରିଆର ସୋଫିଆଠାରେ ଚାଲିଥିବା ୭୩ତମ ଷ୍ଟ୍ରାଞ୍ଜା ମେମୋରିଆଲ ବକ୍ସିଂ ଟୁର୍ନାମେଣ୍ଟରେ ପଦକ ନିଶ୍ଚିତ କରିଛନ୍ତି ଭାରତୀୟ ମହିଳା ବକ୍ସର ନନ୍ଦିନୀ। ସେ +୮୧ କେଜି ବିଭାଗ କ୍ୱାର୍ଟର ଫାଇନାଲରେ କାଜାଖସ୍ତାନର ଭାଲେରିୟା ଆକ୍ସେନୋଭାଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆରମ୍ଭରୁ ନନ୍ଦିନୀ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ଲଢ଼େଇ ଏକପାଖିଆ ହେବାରୁ ରେଫରି ତୃତୀୟ ରାଉଣ୍ଡରେ ଏହାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ସେମିଫାଇନାଲରେ ନନ୍ଦିନୀ ଅନ୍ୟତମ କାଜାଖସ୍ତାନ ବକ୍ସର ଲାଜାତ କୁନ୍‌ଗେବାୟେଭାଙ୍କୁ ଭେଟିବେ। କୁନ୍‌ଗେବାୟେଭା ହେଉଛନ୍ତି ଜଣେ ପୂର୍ବତନ ବିଶ୍ୱ ଚାମ୍ପିୟନ। ଭାରତର ୟୁଥ୍ ବିଶ୍ୱ ଚାମ୍ପିୟନ ଅରୁନ୍ଧତୀ ଚୌଧାରୀ (୭୦ କେଜି) ଓ ପ୍ରବୀଣ (୬୩ କେଜି) କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅରୁନ୍ଧତୀ ଜର୍ମାନୀର ମେଲିସା ଜେମିନିଙ୍କୁ ୩-୦ ଓ ପ୍ରବୀଣ କାଜାଖସ୍ତାନର ଇଦା ଆବିକାୟେଭାଙ୍କୁ ୫-୦ରେ ପରାସ୍ତ କରିଥିଲେ। ତେବେ ଭାରତର ମୀନା ରାଣୀ (୬୦ କେଜି), ଅଞ୍ଜଳି ତୁଶିର (୬୬ କେଜି), ସ୍ୱିଟି (୭୫ କେଜି) ଓ ସଚିନ କୁମାର (୮୦ କେଜି) ସେମାନଙ୍କ ଲଢ଼େଇ ହାରି ବିଦାୟ ନେଇଛନ୍ତି। ପ୍ରତିଯୋଗିତାରେ ଭାରତର ମୋଟ ୧୭ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୧୦ ମହିଳା ଓ ୭ ପୁରୁଷ ସାମିଲ। ଗତ ସଂସ୍କରଣରେ ଭାରତର ଦୀପକ କୁମାର ରୌପ୍ୟ ଓ ନବୀନ ବୁରା ବ୍ରୋଞ୍ଜ ପଦକ ପାଇଥିଲେ।

**ଷ୍ଟ୍ରାଞ୍ଜା ମେମୋରିଆଲ ବକ୍ସିଂ**

# ଟି୨୦: ସୂର୍ଯ୍ୟକୁମାର, ଭେଙ୍କଟେଶଙ୍କୁ ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍

**ଦୁବାଇ, ୨୩।୨ (ପି.ଟି.)** ଭାରତର ଦୁଇ ମିଡିଲ ଅର୍ଡର ବ୍ୟାଟର ସୂର୍ଯ୍ୟକୁମାର ଯାଦବ ଓ ଭେଙ୍କଟେଶ ଆୟାର ବୁଧବାର ପ୍ରକାଶିତ ଆଇସିସି ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଲମ୍ଫ ଡିଆଁ ମାରିଛନ୍ତି। ସୂର୍ଯ୍ୟକୁମାର ୨୧ ଓ ଭେଙ୍କଟେଶ ୧୧୫ତମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଦୁଇ ଖେଳାଳିଙ୍କର ଏହା ଶ୍ରେଷ୍ଠ ଟି୨୦ ର୍‍ୟାଙ୍କିଙ୍ଗ୍। ପୂର୍ବରୁ ସୂର୍ଯ୍ୟକୁମାର ୩୫ ଓ ଭେଙ୍କଟେଶ ୨୦୩ତମ ସ୍ଥାନରେ ଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ ଏହି ଦୁଇ ଖେଳାଳିଙ୍କୁ ର୍‍ୟାଙ୍କିଙ୍ଗ୍‌ରେ ଉପରକୁ ଉଠାଇଛି। ଏମାନଙ୍କର ପ୍ରଦର୍ଶନ ବଳରେ ଭାରତ ୩-୦ରେ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜକୁ କ୍ଲିନ୍ ସୁଇପ୍ କରିଥିଲା। ଲୋକେଶ ରାହୁଲ ୨ଟି ସ୍ଥାନ ତଳକୁ ଖସି ୬ଷ୍ଠରେ ପହଞ୍ଚିଥିବାବେଳେ ବିରାଟ କୋହଲି ୧୦ମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ତେବେ ବୋଲର କିମ୍ବା ଅଲ୍‌ରାଉଣ୍ଡର ତାଲିକାରେ କୌଣସି ଭାରତୀୟ ନାହାନ୍ତି। ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆ-ଶ୍ରୀଲଙ୍କା ଟି୨୦ ସିରିଜର ପ୍ରଭାବ ମଧ୍ୟ ଏହି ର୍‍ୟାଙ୍କିଙ୍ଗ୍ ଉପରେ ପଡ଼ିଛି। ଅଷ୍ଟ୍ରେଲିଆର ଆଷ୍ଟନ ଅଗର ବୋଲିଂ ତାଲିକାର ଟପ୍-୧୦ରେ ପହଞ୍ଚି ଯାଇଛନ୍ତି। ତାଙ୍କୁ ଏବେ ୯ମ ର୍‍ୟାଙ୍କ୍ ମିଳିଛି। ଶ୍ରୀଲଙ୍କାର ମହେଶ ଥିକସାନା କ୍ୟାରିୟର ଶ୍ରେଷ୍ଠ ୫୯୨ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ପାଇଛନ୍ତି। ଫଳରେ ସେ ୧୨ଟି ସ୍ଥାନ ଉପରକୁ ଉଠି ୧୭ରେ ପହଞ୍ଚି ଯାଇଛନ୍ତି।

ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତର ନୂଆ ଅଧିନାୟକ ରୋହିତ ଶର୍ମା ୬ଷ୍ଠ ସ୍ଥାନ ବଜାୟ ରଖିଥିବାବେଳେ କୋହଲି ୭ମରେ ରହିଛନ୍ତି। ବୋଲିଂ ତାଲିକାରେ ଭାରତର ୨ ଖେଳାଳି ଟପ୍-୧୦ରେ ରହିଛନ୍ତି। ସିନିୟର ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୨ୟ ଓ ଯଶପ୍ରୀତ୍ ବୁମ୍‌ରା ୧୦ମ ସ୍ଥାନ ଅଧିକାର କରିଛନ୍ତି। ଅଲରାଉଣ୍ଡର ତାଲିକାରେ ଅଶ୍ୱିନ ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଥିବାବେଳେ ସାଥି ଖେଳାଳି ରବୀନ୍ଦ୍ର ଜାଡେଜା ତୃତୀୟରେ ରହିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟ ପରେ ନ୍ୟୁଜିଲାଣ୍ଡର କାଏଲ ଜେମିସନ ଓ ଟିମ୍ ସୌଦୀ ଗୋଟିଏ ଲେଖାଏ ସ୍ଥାନ ଉପରକୁ ଉଠି ଯଥାକ୍ରମେ ୩ ଓ ୫ମରେ ପହଞ୍ଚିଛନ୍ତି। ଅଲ୍‌ରାଉଣ୍ଡର ତାଲିକାରେ ନେଲ ୱାଗନର ୪ଟି ସ୍ଥାନ ଉପରକୁ ଉଠି ୧୩ତମ ସ୍ଥାନରେ ରହିଛନ୍ତି।




